ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଭାଗ
ଜିଲ୍ଲା କୃଷି ପାଣିପାଗ ବିଭାଗ
କୃଷି ବିଜ୍ଞାନ କେନ୍ଦ୍ର କଟକ
ଭାକୃଅନୁପ-କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, କଟକ

ବିଶେଷ ପତ୍ରିକା ସଂଖ୍ୟା-୦୩
ତାରିଖ-୧୭.୧୧.୨୦୨୬


ଆଗାମୀ ସମ୍ଭାବ୍ୟ ବାତ୍ୟା ଜନିତ ପରିପେକ୍ଷିରେ କଟକ ଜିଲ୍ଲାରେ ହେବାକୁ ଥିବା ଭାରୀ ବର୍ଷା ପାଇଁ କୃଷିପାଣିପାଗ ଉପଦେଶ


ବିଷୟ- ଦକ୍ଷିଣର କେନ୍ଦ୍ରୀୟ ଅଂଶ ଏବଂ ବଙ୍ଗୋପସାଗର ର ପଶ୍ଚିମ-କେନ୍ଦ୍ରୀୟ ଉପକୂଳରେ ବାତ୍ୟା "ଆକଭାନ୍" (ଉଚ୍ଚାରଣ "ଆକଭାନ୍"): ବାତ୍ୟା ପୂର୍ବବର୍ତ୍ତୀ ସତର୍କ ସୂଚନା ।

ଦକ୍ଷିଣ ବଙ୍ଗୋପସାଗର ର କେନ୍ଦ୍ରୀୟ ଅଞ୍ଚଳ ଏବଂ ଏହା ସଂଲଗ୍ନ ପଶ୍ଚିମ -କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ରହିଥିବା ବାତ୍ୟା "ଆକଭାନ୍" **(Akvan)**, ଗତ ୬ ଘଣ୍ଟା ମଧ୍ୟରେ ଘଣ୍ଟା ପ୍ରତି ୩ କିଲୋମିଟର ବେଗରେ ଧୀରେ ଧୀରେ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରିଛି । ଆଜି, ୧୭ ନଭେମ୍ବର, ୨୦୨୬ ସକାଳ ୦୮:୩୦ ଘଟିକା ସୁଦ୍ଧା, ଏହା ସେହିଁ ସମାନ ଅଞ୍ଚଳରେ ରେ, ଅର୍ଥାତ୍ ୧୨.୨° ଉତ୍ତର ଅକ୍ଷାଂଶ ଏବଂ ୮୫.୭° ପୂର୍ବ ଦ୍ରାଘିମା ନିକଟରେ କେନ୍ଦ୍ରୀଭୂତ ହୋଇ ରହିଛି । ଏହି ସ୍ଥାନଟି ଚେନ୍ନାଇ (ତାମିଲନାଡୁ) ଠାରୁ ପ୍ରାୟ ୬୧୦ କିମି ପୂର୍ବରେ, ତ୍ରିଙ୍କୋମାଲି (ଶ୍ରୀଲଙ୍କା) ଠାରୁ ୬୩୦ କିମି ଉତ୍ତର-ପୂର୍ବରେ, ମଛଲିପାଟନମ୍ (ଆନ୍ଧ୍ରପ୍ରଦେଶ) ଠାରୁ ୬୬୦ କିମି ଦକ୍ଷିଣ-ପୂର୍ବରେ, ବିଶାଖାପାଟନମ୍ (ଆନ୍ଧ୍ରପାଟନମ) ଠାରୁ ୬୭୦ କିମି ଦକ୍ଷିଣ-ଦକ୍ଷିଣ ପୂର୍ବରେ ଏବଂ ଗୋପାଳପୁର (ଓଡ଼ିଶା) ଠାରୁ ୭୯୦ କିମି ଦକ୍ଷିଣ ଦିଗରେ ଅବସ୍ଥିତ ।

ଏହା ଧୀରେ ଧୀରେ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରିବା ସହ ଆଜି, ୧୭ ନଭେମ୍ବର ୨୦୨୬ ସନ୍ଧ୍ୟା ସୁଦ୍ଧା ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଅଧିକ ଘନୀଭୂତ ହୋଇ ଏକ 'ଭୀଷଣ ବାତ୍ୟା' ରୂପ ନେବାର ସମ୍ଭାବନା ରହିଛି । ଏହା ପରେ, ଏହା ଉତ୍ତର -ପଶ୍ଚିମ ଦିଗକୁ ଗତି କରି ୧୯ ନଭେମ୍ବର ସକାଳ ସୁଦ୍ଧା ଆହୁରି ଅଧିକ ଶକ୍ତିଶାଳୀ ହୋଇ ଏକ 'ଅତି ଭୀଷଣ ବାତ୍ୟା' ରେ ପରିଣତ ହେବାର ସମ୍ଭାବନା ରହିଛି ।

ଉତ୍ତର-ପଶ୍ଚିମ ଦିଗକୁ ଗତି ଜାରି ରଖି, ଏହା ୨୦ ନଭେମ୍ବର ୨୦୨୬ ମଧ୍ୟାହ୍ନ ସମୟରେ ଆନ୍ଧ୍ରପ୍ରଦେଶ ଓ ୟାନାମ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି । ଏହି ସମୟରେ ଏହା ଏକ 'ଅତି ଭୀଷଣ ବାତ୍ୟା' ରୂପରେ ନେଲ୍ଲୋର ଏବଂ ଟୁନି ମଧ୍ୟରେ ଉପକୂଳ ଅତିକ୍ରମ କରିବ । ସେତେବେଳେ ପବନର ସର୍ବାଧିକ ବେଗ ଘଣ୍ଟା ପ୍ରତି ୧୨୦-୧୩୦ କିଲୋମିଟର ରହିପାରେ, ଯାହା ଝଡ଼ବେଗରେ ଘଣ୍ଟା ପ୍ରତି ୧୪୫ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚିପାରେ ।





କଟକ ଜିଲ୍ଲା ପାଇଁ ବର୍ଷା ପୂର୍ବାନୁମାନ

ମଙ୍ଗଳବାର- କଟକ ଜିଲ୍ଲାର ଅଧିକାଂଶ ବ୍ଲକ ର ଗୋଟିଏ ଦୁଇଟି ଜାଗାରେ ସାମାନ୍ୟ ରୁ ମଧ୍ୟମ ବର୍ଷା କିମ୍ବା ଘଡଘଡି ସହ ବର୍ଷା ସମ୍ଭାବନା ।

ବୁଧବାର- କଟକ ଜିଲ୍ଲାର ଅଧିକାଂଶ ବ୍ଲକ ର କିଛିକିଛି ଜାଗାରେ ସାମାନ୍ୟ ରୁ ମଧ୍ୟମ ବର୍ଷା ଓ ଘଡଘଡି ବିଜୁଳି ସହ ବର୍ଷା ଏବଂ ଘ । ପ୍ରତି ୪୦-୫୦ କି.ମି. ବେଗରେ ପବନ ସମ୍ଭାବନା ।

ଗୁରୁବାର- କଟକ ଜିଲ୍ଲାର ଅଧିକାଂଶ ବ୍ଲକ ଗୁଡିକର କିଛିକିଛି ଜାଗାରେ ଭାରି ବର୍ଷା ଓ ଘଡଘଡି ବିଜୁଳି ସହ ବର୍ଷା ଏବଂ ଘ । ପ୍ରତି ୫୦-୬୦ କି.ମି. ବେଗରେ ପବନ ସମ୍ଭାବନା ।

ଶୁକ୍ରବାର- କଟକ ଜିଲ୍ଲାର ଅଧିକାଂଶ ବ୍ଲକ ଗୁଡିକର କିଛିକିଛି ଜାଗାରେ ଭାରି ବର୍ଷା ଓ ଘଡଘଡି ବିଜୁଳି ସହ ବର୍ଷା ଏବଂ ଘ । ପ୍ରତି ୫୦-୬୦ କି.ମି. ବେଗରେ ପବନ ସମ୍ଭାବନା ।

ଶନିବାର- କଟକ ଜିଲ୍ଲାର ଅଧିକାଂଶ ବ୍ଲକରେ ସାମାନ୍ୟ ରୁ ମଧ୍ୟମ ବର୍ଷା ଓ ଘଡଘଡି ବିଜୁଳି ସହ ବର୍ଷା ଏବଂ ଘ । ପ୍ରତି ୪୦-୫୦ କି.ମି. ବେଗରେ ପବନ ସମ୍ଭାବନା ।

ବର୍ଷା ପୂର୍ବାନୁମାନ ପ୍ରଭାବ ଜନିତ କୃଷିପାଣିପାଗ ଜନିତ ଉପଦେଶ

ଜିଲ୍ଲା	ଫସଲ / ପନିପରିବା/ ଫଳ	ଅବସ୍ଥା	ଫସଲ / ପନିପରିବା/ ଫଳ ଉପରେ ପ୍ରଭାବ	କୃଷିପାଣିପାଗ ଉପଦେଶ
କଟକ	ଖରିଫ ଧାନ	ଅମଳ ଅବସ୍ଥା	• ଜଳମଗ୍ନ ପରିସ୍ଥିତି ଯୋଗୁଁ ଧାନ ଗଛ ପଡିଯିବା  • ଜମିରେ ଅମଳ ଅବସ୍ଥାରେ ଥିବା ଧାନ ମଞ୍ଜିରୁ ଗଜା ବାହାରିବା 	• ଧାନ ଫସଲ କୁ ବର୍ଷା ପୂର୍ବରୁ ଅମଳ କରି ସୁରକ୍ଷିତ ସ୍ଥାନରେ ବା ଆବଦ୍ଧ କୋଠରୀରେ ଘୋଡାଇ ରଖନ୍ତୁ (ଯଦି ଧାନ ୮୫% ଅମଳ ଅବସ୍ଥାରେ ଥିବ) ଓ ଅମଳ ହୋଇସାରିଥିବା ଧାନକୁ ବାହାରେ ଶୁଖାନ୍ତୁ ନାହିଁ । • ଜମିରୁ ଅଧିକା ଜଳକୁ ନିଷ୍ସନ ପାଇଁ ନାଳିର ବ୍ୟବସ୍ଥା କରନ୍ତୁ । • ଅମଳ ହୋଇସାରିଥିବା ଧାନକୁ ବାହାରେ ବା ଖୋଲା ଜାଗାରେ ସୁଖାନ୍ତୁ ନାହିଁ । ଏହାକୁ ପଲିଥିନ ଦ୍ୱାରା ଶୁଷ୍ମ ପାଗ ଆସିବା ପର୍ଯ୍ୟନ୍ତ ଘୋଡାଇ ରଖନ୍ତୁ ।
	ଖରିଫ ଧାନ	ଗର୍ଭ ଧାରଣ ଅବସ୍ଥା	• ଜଳମଗ୍ନ ପରିସ୍ଥିତି ଯୋଗୁଁ ବିଭିନ୍ନ ରୋଗ ପୋକ ଯଥା • ପତ୍ରଛାଦପୋଡା, ପତ୍ରପୋଡା, କାଣ୍ଡପଚା, ମହିଷା ରୋଗ ଓ କାହାଳୀ/ବଙ୍ଗୀପୋକ, ଚକଡା, ପତ୍ରମୋଡା, ଲେଡାପୋକ ।	• ଜମିରୁ ଅଧିକା ଜଳକୁ ନିଷ୍ସନ ପାଇଁ ନାଳିର ବ୍ୟବସ୍ଥା କରନ୍ତୁ । • ଧାନ ଜମିରେ ଗର୍ଭଧାରଣ ସମୟରେ (ଥୋଡ/କେଣ୍ଡା ଅବସ୍ଥା) ୫-୧୦ ସେ.ମି. ଜଳସ୍ତର ରଖି ବଳକା ଜଳକୁ ନିଷ୍ସାସନ ବ୍ୟବସ୍ଥା କରନ୍ତୁ । • ଯଦି ବର୍ତମାନ **ମହିଷା ରୋଗ** ଲାଗେ ତେବେ ଏହାର ନିରାକରଣ ପାଇଁ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋଅକ୍ସିଷ୍ଟ୍ରବିନ ୨୫% ଡବ୍ଲୁଜି @ ୦.୪ଗ୍ରାମ କୁ ପ୍ରତି ଲି. ପାଣିରେ ମିଶାଇ ୭-୧୦ଦିନ ବ୍ୟବଧାନରେ ସିଞ୍ଚନ କରନ୍ତୁ । • ଯଦି ବର୍ତମାନ ଧାନ ଗଛରେ **ପତ୍ରପୋଡା ରୋଗ** ଲାଗେ ତେବେ ଏହାର ନିରାକରଣ ପାଇଁ ପ୍ଲାଣ୍ଟୋମାଇସିନ ୧ଗ୍ରାମ କୁ ପ୍ରତି ଲି. ପାଣିରେ ଓ କପରଅକ୍ସିକ୍ଲୋରାଇଡ ୧ଗ୍ରାମ କୁ ପ୍ରତି ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ । • ଯଦି ଧାନଗଛରେ **ପତ୍ରଛାବପୋଡା** ରୋଗ ଲାଗେ ତେବେ ଅଧିକ ୟୁରିଆ ସାର ପ୍ରୟୋଗ କରନ୍ତୁ ନାହିଁ । ରୋଗର ନିରାକରଣ ପାଇଁ କାର୍ବେଣ୍ଡାଜିମ ୨ଗ୍ରା. ପ୍ରତି ଲି. କିମ୍ବା ପ୍ରପିକୋନାଜୋଲ ୧ମି.ଲି. ପ୍ରତି ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ । • ବର୍ତମାନ ଯଦି ଧାନରେ **କଣ୍ଡାସଡା ରୋଗ** ଦେଖାଯାଏ ତେବେ ଅଧିକା ଜଳକୁ ନିଷ୍ସାସନ ବ୍ୟବସ୍ଥା କରନ୍ତୁ ଓ ପ୍ରତିକାର ପାଇଁ ଗଛରେ କାର୍ବେଣ୍ଡାଜିମ୍ ୫୦ WP ୧ଗ୍ରା. କିମ୍ବା ଇଡିଫେନଫସ୍ ୫୦ଇ.ସି. @ ୧ମି.ଲି. କୁ ପ୍ରତି ଲି. ପାଣିରେ ମିଶାଇ ସଞ୍ଚନ କରନ୍ତୁ । • ବର୍ତମାନର ମେଘୁଆ ପାଗ ଓ ରାତିର କମ୍ ତାପମାତ୍ରା (୨୧-୨୩ ଡିଗ୍ରୀ.ସି.)

				ଚକଡା/ମାଟିଆଗୁଣ୍ଡି ପୋକ ପାଇଁ ଅନୁକୂଳ ପରିବେଶ ଯଦି ଏହା ଲାଗେ ତେବେ ଜମିର ସୁଖୁ ପରିବେଶ କୁ ପରିବର୍ତ୍ତନ କରି ଓଦା ଓ ଶୁଷ୍କ ଅବଳ ବଦଳ ଭାବେ ରଖନ୍ତୁ । ଏହାର ନିରାକରଣ ପାଇଁ ପାଇମେଟ୍ରଜିନ୍ ୫୦% WG @ ୪୦ଗ୍ରାମ କିମ୍ବା ବ୍ୟୁପ୍ରଫେଜିନ୍ @ ୩୩୦ମି.ଲି. କିମ୍ବା ଇମିଡାକ୍ଲୋପିଡ୍ ୧୭.୮% ଏସ.ଏଲ. @ ୫୦ମି.ଲି. କୁ ୨୦୦ ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ । • ଯଦି ଧାନ ଗଛରେ ବଙ୍କୀୟ ପୋକ ଦେଖାଯାଏ ତେବେ ଥାୟୋମିଥୋକ୍ସାନ୍ ୨୫% WG @ ୪୦ଗ୍ରାମ ପ୍ରତି ଏକର କିମ୍ବା ଫିପ୍ରୋନିଲ୍ ୫% SC @ ୪୦୦ମି.ଲି. ପ୍ରତି ଏକର କୁ ୨୦୦ଲି. ପଣିରେ ମିଶାଇ ସିଞ୍ଚନ କରନ୍ତୁ । • ଯଦି ଧାନଗଛରେ ବର୍ତମାନର ବର୍ଷାପରେ ଲେଡାପୋକ ଲାଗେ ତେବେ ବର୍ଷା ପରେ କ୍ଲୋରୋପାଇରିଫସ୍ ୫% ଏସ୍.ସି କୁ ୨ମି.ଲି. ପ୍ରତି ଲି. ପାଣିରେ ମିଶାଇ ଶୁଷ୍କ ପାଗରେ ସିଞ୍ଚନ କରନ୍ତୁ । • ମେଘୁଆ ପାଗ ଯୋଗୁ ଆଗରୁ ଲଗାଯାଇଥିବା ଧାନ ଜମିରେ ପତ୍ରମୋଡା ପୋକ ସମ୍ଭାବନା ଅଛି ଏହାପାଇଁ ଫିପ୍ରୋନିଲ ୫%SC କୁ ପ୍ରତି ଲି. ପାଣିରେ ୨ମି.ଲି. ହିସାବରେ କିମ୍ବା କ୍ଲୋରାନଟ୍ରାନିପୋଲ ୧୮.୫%SC କୁ ପ୍ରତି ୧୦ଲି. ପାଣିରେ ୩ମି.ଲି. ହିସାବରେ ମିଶାଇ ଶୁଷ୍କ ପାଗରେ ସିଞ୍ଚନ କରନ୍ତୁ । • ଜମିରୁ ଅଧିକା ଜଳକୁ ନିଷ୍କସନ ପାଇଁ ନାଳିର ବ୍ୟବସ୍ଥା କରନ୍ତୁ । • ଯଦି ନାଲିସଡା ଓ ଝାଉଁଳା ରୋଗ ଦେଖାଯାଏ ତେବେ ମାନକୋଜେବ୍ ୬୪% ଡବ୍ଲୁପି+ ମେଟାଲାକ୍ସିଲ୍ ୮% @ ୪୦୦ଗ୍ରା. କୁ ୨୦୦ଲି. ପାଣିରେ ମିଶାଇ ପ୍ରତି ଏକର ହିସାବରେ ପ୍ରୟୋଗ କରନ୍ତୁ ।
	ଥାଷୁ	୬-୭ ମାସ ଅବସ୍ଥା	• ଭାରି ବର୍ଷା ଯୋଗୁଁ ଜଳମଗ୍ନ ପରିସ୍ଥିତ  • ନାଲି ସଡା ଓ ଝାଉଁଳା ରୋଗ  	

	ମକା	୬୦-୭୦ ଦିନ ଅବସ୍ଥା	• ଭାରି ବର୍ଷା ଯୋଗୁଁ ଜଳମଗ୍ନ ପରିସ୍ଥିତ  • **ପତ୍ରପୋଡା, କାଣ୍ଡ ପଚା ଓ ଫଲଆର୍ମୀ ୱାର୍ମ କୀଟ**	• ଜମିରୁ ଅଧିକା ଜଳକୁ ନିଷ୍କସନ ପାଇଁ ନାଳିର ବ୍ୟବସ୍ଥା କରନ୍ତୁ । • ଯବକ୍ଷାରଯାନ ସାର ପ୍ରୟୋଗ କମାନ୍ତୁ ଏବଂ ପଟାସ ଓ ଫସଫରସ ସାରର ପ୍ରୟୋଗ ବଢାନ୍ତୁ । • ମକା ଫସଲରେ **ଫଲଆର୍ମୀ ୱାର୍ମ** ଲାଗିବାର ସମ୍ଭାବନା ଥିବାରୁ ଏକର ପ୍ରତି ୮୦ଗ୍ରା. ଏମୋମେକ୍ଟିନ ବେଞ୍ଜୋଏଟ ୫%ଏସ୍.ଜି କିମ୍ବା ୮୦ମି.ଲି. କ୍ଲୋରାନ-ଟ୍ରାନିଲୋପ୍ରୋ ୧୮.୫%ଏସ.ସି. ୨୦୦ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ । • ଅଧିକା ବର୍ଷା ଓ ମେଘୁଆ ପାଗ ଯୋଗୁଁ **କାଣ୍ଡପଚା ରୋଗ** ଲାଗିବାର ସମ୍ଭାବନା ଥାଏ । ଏହା ଦେଖାଗଲେ କପରଅକ୍ସିକ୍ଲୋରାଇଡ୍ ୫୦% ଡବ୍ଲୁପି ୩ଗ୍ରାମ କୁ ପ୍ରତି ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ । • ଯଦି ମକାରେ ବର୍ଷା ପାଗ ଯୋଗୁ **ପତି ସବୃଷ୍ଟ୍ୟ ପତ୍ରପୋଡା ରୋଗ** ଲାଗେ ତେବେ ଏହାର ନିରାକରଣ ପାଇଁ ଭାଲିଡାମାଇସିନ ୩.୦% ଏସଏଲ କିମ୍ବା ହେକ୍ସାକୋନାଜୋଲ ୫.୦% ଇସି ୪୦୦ ମିଲି. କୁ ୨୦୦ ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
	ରବି ଫସଲ (**ଡାଲି ଜାତୀୟ :** ମୁଗ, ବିରି, **ତୈଳ ଜାତୀୟ:** ସୋରିଷ, ତିନାବାଦାମ)	ପ୍ରଥମିକ ଅଙ୍ଗୀୟ ଅବସ୍ଥା/ ବୁଣିବା ଅବସ୍ଥା	• ବିହନ ସ୍ଥାନାନ୍ତିକରଣ • ଜମିରେ ଜଳମଗ୍ନ ପରିସ୍ଥିତି ଯୋଗୁଁ ବିହନ ଗଜା ହେବାରେ ହ୍ରାସ	• ରବି ଜାତୀୟ ଡାଲି ଓ ତୈଳବୀଜ ଫସଲ ବୁଣାବୁଣି କୁ ସାମୟିକ ସ୍ଥଗିତ ରଖନ୍ତୁ ଓ ବର୍ଷା ପରେ ବୁଣନ୍ତୁ । • ବୁଧବାର ପରଠୁ ସାର ଓ କୀଟନାଷକ ପ୍ରୟୋଗ, ଜଳସେଚନ ସାମୟିକ ସ୍ଥଗିର ରଖନ୍ତୁ । • ଜମିରେ ଜଳ ନିଷ୍କାସନ ପାଇଁ ପ୍ରାକ୍ ବ୍ୟବସ୍ଥା କରନ୍ତୁ । • ଜମିରେ ମାଟିର ବତରକୁ ଆବଶ୍ୟକ ପରିମାଣରେ ନିୟନ୍ତ୍ରଣ କରନ୍ତୁ ।
	ପନିପରିବା (**ଫୁଲକୋବି, ବ୍ରୋକଲି, ବନ୍ଧାକୋବି, ନାଲି ବନ୍ଧାକୋବି**)	ଅଙ୍ଗୀୟ ରୁ ଫୁଲ / କଢ ଆସିବା ଅବସ୍ଥା	• କୋବିରେ ରଙ୍ଗ ଉଡିଯିବା, ସଢିଯିବା ଏବଂ ଫାଟିଯିବା • ଚାରା ନଷ୍ଟ ହୋଇଯିବା   	• ଅମଳ ଉପଯୋଗୀ ପନିପରିବାକୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ । • ଜମିରେ ଜଳ ନିଷ୍କାସନ ପାଇଁ ପ୍ରାକ୍ ବ୍ୟବସ୍ଥା କରନ୍ତୁ । • ରବି ଜାତୀୟ ପନିପରିବା ତଳିଘରା ବା ନର୍ସରୀକୁ ପଲିଥିନ ଦ୍ୱାରା ଆଚ୍ଛାଦିକରଣ କରନ୍ତୁ ।

	ପନିପରିବା **(ଆଳୁ, ପିଆଜ, ଧନିଆ)**	ବୁଣିବା / ଚାରା ଅବସ୍ଥା	• ବିହନ ସ୍ଥାନାନ୍ତରଣ • ଜମିରେ ଠିଆ ପାଣି ଯୋଗୁଁ ବିହନ ଗଜା ହେବାରେ ହ୍ରାସ • ଚାରା ନଷ୍ଟ ହୋଇଯିବା  	• ଜମିରେ ଜଳ ନିଷ୍କାସନ ପାଇଁ ପ୍ରାକ୍ ବ୍ୟବସ୍ଥା କରନ୍ତୁ । • ପନିପରିବା ବୁଣାବୁଣି କୁ ସାମୟିକ ସ୍ଥଗିତ ରଖନ୍ତୁ ଓ ବର୍ଷା ପରେ ବୁଣନ୍ତୁ । • ଜମିରେ ମାଟିର ବତରକୁ ଆବଶ୍ୟକ ପରିମାଣରେ ନିୟନ୍ତ୍ରଣ କରନ୍ତୁ । • ରବି ଜାତୀୟ ପନିପରିବା ତଳିଘରା ବା ନର୍ସରୀକୁ ପଲିଥିନ ଦ୍ୱାରା ଆଚ୍ଛାଦିକରଣ କରନ୍ତୁ ।
	ପନିପରିବା (**ବାଇଗଣ, ଟୋମାଟ, ଲଙ୍କା**)	ଅଙ୍ଗୀୟ ରୁ ଅମଳ ଅବସ୍ଥା	• ଗଛ ପଡିଯିବା • ଫଳ ନଷ୍ଟ ହେବା / ଫୁଲ ଝଡିପଡିବା • ଗଛ ଝାଉଁଳି ପଡିବା 	• ଅମଳ ଉପଯୋଗୀ ପନିପରିବାକୁ ଯଥାଶୀଘ୍ର ତୋଳି ଆଣି ବଜାରରେ ବିକ୍ରୟ ବ୍ୟବସ୍ଥା କରନ୍ତୁ । • ପନିପରିବା ତଳିଘରା ବା ନର୍ସରୀକୁ ପଲିଥିନ ଦ୍ୱାରା ଆଚ୍ଛାଦିକରଣ କରନ୍ତୁ । • ଜମିରେ ଜଳ ନିଷ୍କାସନ ପାଇଁ ପ୍ରାକ୍ ବ୍ୟବସ୍ଥା କରନ୍ତୁ । • ପନିପରିବା ଗଛକୁ ବାଉଁଶ କିମ୍ବା ତାର ଦ୍ୱାରା ଭରା ଦିଅନ୍ତୁ ଯାହାଦ୍ୱାରା ଏହା ମୂଳରୁ ପଡିବ ନାହିଁ ।
	ପନିପରିବା (**ଗାଜର, ମୂଳା**)	ବୁଣିବା / ଚାରା ଅବସ୍ଥା	• ବିହନ ସ୍ଥାନାନ୍ତରଣ • ଜମିରେ ଠିଆ ପାଣି ଯୋଗୁଁ ବିହନ ଗଜା ହେବାରେ ହ୍ରାସ • ଚାରା ନଷ୍ଟ ହୋଇଯିବା	• ଜମିରେ ଜଳ ନିଷ୍କାସନ ପାଇଁ ପ୍ରାକ୍ ବ୍ୟବସ୍ଥା କରନ୍ତୁ । • ବୁଣାବୁଣି କୁ ସାମୟିକ ସ୍ଥଗିତ ରଖନ୍ତୁ ଓ ବର୍ଷା ପରେ ବୁଣନ୍ତୁ ।
	ପନିପରିବା (**ଭୁଡୁଙ୍ଗ, ଜହ୍ନି**)	ଅମଳ ଅବସ୍ଥା	• ଗଛ ପଡିଯିବା • ଛୁଇଁ ବା ଫଳ ନଷ୍ଟ ହୋଇଯିବା	• ଅମଳ ଉପଯୋଗୀ ପନିପରିବା/ ଛୁଇଁ କୁ ଯଥାଶୀଘ୍ର ତୋଳି ଆଣି ବଜାରରେ ବିକ୍ରୟ ବ୍ୟବସ୍ଥା କରନ୍ତୁ । • ପନିପରିବା ଗଛକୁ ବାଉଁଶ କିମ୍ବା ତାର ଦ୍ୱାରା ଭରା ଦିଅନ୍ତୁ ଯାହାଦ୍ୱାରା ଏହା ମୂଳରୁ ପଡିବ ନାହିଁ ।

	ଫଳ (କଦଳୀ, ଅମୃତଭଣ୍ଡା, ଲେମ୍ବୁ)	ଅଙ୍ଗୀୟ ରୁ ଫଳ ଆସିବା ଅବସ୍ଥା	• ଗଛ ପଡିଯିବା • ଫଳ ନଷ୍ଟ ହେବା  	• କଦଳୀ ଓ ଅମୃତଭଣ୍ଡା ଗଛକୁ ବାଉଁଶ ଦ୍ୱାରା ଭରା ଦିଅନ୍ତୁ ଯାହାଦ୍ୱାରା ଏହା ମୂଳରୁ ପଡିବ ନାହିଁ । • ଜମିରେ ଜଳ ନିଷ୍କାସନ ପାଇଁ ପ୍ରାକ୍ ବ୍ୟବସ୍ଥା କରନ୍ତୁ । • ଅମଳ ଉପଯୋଗୀ ଫଳ କୁ ଯଥାଶୀଘ୍ର ତୋଳି ଆଣି ବଜାରରେ ବିକ୍ରୟ ବ୍ୟବସ୍ଥା କରନ୍ତୁ ।
	ଛତୁ (ଢିଙ୍ଗିରି ଓ ପାଳ ଛତୁ)	ଢିଙ୍ଗିରି- ଭାଡି ପ୍ରସ୍ତୁତ / ମଞ୍ଜି ପକାଇବା ପାଳ- ଅମଳ ଅବସ୍ଥା	• ମଞ୍ଜି ନଷ୍ଟ • ନଡା ପଚିଯିବା • ଭାଡି ଭାଙ୍ଗିଯିବା	• ଢିଙ୍ଗିରି ଛତୁ ମଞ୍ଜି ବୁଣାବୁଣି କୁ ସାମୟିକ ସ୍ଥଗିତ ରଖନ୍ତୁ । • ଛତୁ ଭାଡିକୁ ଭଲଭାବେ ବାନ୍ଧି ରଖନ୍ତୁ ଯେପରିକି ଏହା ପବନ ଦ୍ୱାରା ପ୍ରଭାବିତ ହେବ ନାହିଁ । • ନଡାକୁ ବାହାରେ ଶୁଖାନ୍ତୁ ନାହିଁ । ଏହାକୁ ପଲିଥିନ ଦ୍ୱାରା ଘୋଡାଇ ରଖନ୍ତୁ । • ପାଳ ଛତୁ ପରିପକ୍ୱ ଅବସ୍ଥାରେ ଥିଲେ ଏହାକୁ ତୋଳି ଆଣି ସୁରକ୍ଷିତ ସ୍ଥାନରେ ରଖନ୍ତୁ ।
	ଗୃହପାଳିତ ପଶୁପକ୍ଷୀ			• ଗୃହପାଳିତ ପଶୁପକ୍ଷୀଙ୍କୁ ସୁରକ୍ଷିତ ଗୁହାଳ ଓ ଫାର୍ମରେ ରଖନ୍ତୁ ଓ ଛାତକୁ ମଜବୁତ ରଖନ୍ତୁ । • ଗୃହପାଳିତ ପଶୁପକ୍ଷୀଙ୍କୁ ବର୍ଷାରେ ବାହାରକୁ ଛାଡନ୍ତୁ ନାହିଁ ଓ ବୁଧବାର ଠାରୁ ୫-୬ଦିନ ପାଇଁ ଖାଦ୍ୟ ଓ ପାନୀୟଜଳ ମହଜୁଦ ରଖନ୍ତୁ ।